# ଜିଲ୍ଲା କାର୍ଯ୍ୟାଳୟ, ଢେଙ୍କାନାଳ

(ଦେବୋତ୍ତର ବିଭାଗ)

ବିଜ୍ଞାପନ ସଂଖ୍ୟା......୪୧୨......./ତାରିଖ......୨୮-୦୨-୨୦୨୫

## ନିଲାମ ଇସ୍ତାହାର

ଏତଦ୍ଦ୍ୱାରା ସର୍ବସାଧାରଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛିକି ଢେଙ୍କାନାଳ ଦେବୋତ୍ତର ବିଭାଗ ଅଧିନସ୍ଥ ନିମ୍ନଲିଖିତ ସଇରାତ ଗୁଡିକ ନିମ୍ନସୂଚୀ ଅନୁଯାୟୀ ୨୦୨୪-୨୫ ଆର୍ଥିକ ବର୍ଷ ତା.୦୧.୦୪.୨୦୨୫ ରିଖ ଠାରୁ ତା.୩୧.୦୩.୨୦୨୬ ରିଖ ପର୍ଯ୍ୟନ୍ତ ନିଲାମ ନିମନ୍ତେ ଟେଣ୍ଡର କରାଯିବ ଏବଂ ଏଥିପାଇଁ ଇଚ୍ଛୁକ ବ୍ୟକ୍ତିମାନଙ୍କ ଠାରୁ ଜଉମୁଦ ଦିଆ ଟେଣ୍ଡର ଆହ୍ୱାନ କରାଯାଉଅଛି । ଆଗ୍ରହୀ ବ୍ୟକ୍ତିମାନେ ବିଜ୍ଞାପନ ପ୍ରକାଶନ ତାରିଖ ଠାରୁ ତା.୧୧.୦୩.୨୦୨୫ ରିଖ ଦିବା ୧୧ ଘଣ୍ଟା ମଧ୍ୟରେ ପ୍ରତି କାର୍ଯ୍ୟ ଦିବସର କାର୍ଯ୍ୟାଳୟ ସମୟ ମଧ୍ୟରେ ଉପ-ଜିଲ୍ଲାପାଳ-ତଥା-ନିର୍ବାହୀ ଅଧିକାରୀ, ଦେବୋତ୍ତର ଢେଙ୍କାନାଳ କାର୍ଯ୍ୟାଳୟରେ ଥିବା ଟେଣ୍ଡର ବାକ୍ସରେ ଧାର୍ଯ୍ୟ ସମୟ ମଧ୍ୟରେ ପ୍ରତି ସଇରାତ ନିମନ୍ତେ ପୃଥକ ଟେଣ୍ଡର ଜଉମୁଦ ଦେଇ ପକାଇବେ ।

| କ୍ର. ସଂ | ସୈରାତର ନାମ | ୨୦୨୪-୨୫ ବର୍ଷର ଟେଣ୍ଡର/ଆପୋଷ ବୁଝାମଣାର ମୂଲ୍ୟ | ୨୦୨୫-୨୬ ଧାର୍ଯ୍ୟ ପ୍ରାସଙ୍ଗିକ ମୂଲ୍ୟ (ଟଙ୍କା) | ୧୦% ଅମାନତ (ଟଙ୍କା) | ଟେଣ୍ଡର କାଗଜ ପ୍ରତି ମୂଲ୍ୟ |
|---|---|---|---|---|---|
| ୦୧ | ଶ୍ରୀ ବଳଦେବ ଜୀଉ ଅବଢା | ୧.୩୩,୦୦୦.୦୦ | ୨.୩୭,୯୦୦.୦୦ | ୨୩,୭୯୦.୦୦ | ଟ.୫୦୦.୦୦ |
| ୦୨ | ଶ୍ରୀ ଦଧିବାମନ ଜୀଉ ଅବଢା | ୬.୦୦,୧୦୦.୦୦ | ୬.୬୦,୨୦୦.୦୦ | ୬୬,୦୨୦.୦୦ | ଟ.୫୦୦.୦୦ |
| ୦୩ | ରଥଗଡା ପରିବା ବଜାର | ୫.୯୨,୬୦୦.୦୦ | ୬.୫୧,୯୦୦.୦୦ | ୬୫,୧୯୦.୦୦ | ଟ.୫୦୦.୦୦ |
| ୦୪ | ଶପ୍ତଶଯ୍ୟା ଭୋଗ ଦୋକାନ | ୨.୨୫,୧୫୦.୦୦ | ୨.୪୭,୨୦୦.୦୦ | ୨୪,୭୨୦.୦୦ | ଟ.୫୦୦.୦୦ |
| ୦୫ | କପିଳାସ ଚା ଓ ଜଳଖିଆ ଦୋକାନ | ୨.୪୦,୦୦୦.୦୦ | ୩.୫୪,୫୦୦.୦୦ | ୩୫,୪୫୦.୦୦ | ଟ.୫୦୦.୦୦ |
| ୦୬ | କପିଳାସ ମାଳି ମୁଦି ଓ ବାଡି ଦୋକାନ | ୫.୦୯,୧୦୦.୦୦ | ୫.୮୫,୩୦୦.୦୦ | ୫୮,୫୩୦.୦୦ | ଟ.୫୦୦.୦୦ |
| ୦୭ | କପିଳାସ ଫୁଲ ଓ ବେଲ ପତ୍ର ଦୋକାନ | ୨.୨୫,୦୦୦.୦୦ | ୫.୪୯,୨୦୦.୦୦ | ୫୪,୯୨୦.୦୦ | ଟ.୫୦୦.୦୦ |
| ୦୮ | କପିଳାସ ଓମଫେଡ ପାର୍ଲର ଦୋକାନ | ୨.୪୦,୦୦୦.୦୦ | ୩.୫୫,୦୦୦.୦୦ | ୩୫,୫୦୦.୦୦ | ଟ.୫୦୦.୦୦ |
| ୦୯ | କପିଳାସ ପାନ ଦୋକାନ | ୪୦,୦୦୦.୦୦ | ୧.୯୬,୯୦୦.୦୦ | ୧୯,୬୯୦.୦୦ | ଟ.୫୦୦.୦୦ |
| ୧୦ | କପିଳାସ ଶିଖତଳ ଦୁଇ ଚକିଆ ଯାନ ପାର୍କିଂ | ୯.୩୩,୦୦୦.୦୦ | ୧୧.୧୨,୮୦୦.୦୦ | ୧,୧୧,୨୮୦.୦୦ | ଟ.୫୦୦.୦୦ |
| ୧୧ | କପିଳାସ ଶିଖତଳ ଚାରିଚକିଆ ପାର୍କିଂ | ୨୩.୬୧,୫୦୦.୦୦ | ୨୫.୯୭,୭୦୦.୦୦ | ୨,୫୯,୭୭୦.୦୦ | ଟ.୫୦୦.୦୦ |
| ୧୨ | କପିଳାସ ଅନ୍ନପ୍ରସାଦ | ୧୩.୧୧,୦୦୦.୦୦ | ୧୪.୪୨,୧୦୦.୦୦ | ୧,୮୪,୨୧୦.୦୦ | ଟ.୫୦୦.୦୦ |
| ୧୩ | ଗୁରୁଜାଙ୍ଗ ଅଷ୍ଠିର କୁଦ | ୮୫,୭୦୦.୦୦ | ୯୫.୮୦୦.୦୦ | ୯,୫୮୦.୦୦ | ଟ.୫୦୦.୦୦ |
| ୧୪ | କପିଳାସ କାକୁଡି ଦୋକାନ | - | ୧.୩୫,୩୦୦.୦୦ | ୧୩,୫୩୦.୦୦ | ଟ.୫୦୦.୦୦ |
| ୧୫ | ଚାବି ରେ ନାମ ଲେଖା ଦୋକାନ, କପିଳାସ | ୧୮,୭୦୦.୦୦ | ୨୨,୨୦୦.୦୦ | ୨,୨୨୦.୦୦ | ଟ.୫୦୦.୦୦ |
| ୧୬ | କପିଳାସ କାଠ କାମ ଦୋକାନ | ୭୫,୧୦୦.୦୦ | ୮୨,୯୦୦.୦୦ | ୮,୨୯୦.୦୦ | ଟ.୫୦୦.୦୦ |
| ୧୭ | ସନ୍ତୋଷୀ ଛକ ଓ ଶିଖତଳ ବୃଶଭଙ୍କ ନିକଟରେ ଥିବା ଶୌଚାଳୟ(ଦୁଇ ଗୋଟି) | - | ୧,୨୮,୭୦୦.୦୦ | ୧୨,୮୭୦.୦୦ | ଟ.୫୦୦.୦୦ |

ନିର୍ଦ୍ଧାରିତ ତା.୧୧.୦୩.୨୦୨୫ ରିଖ ଦିନ ଯେଉଁ ସଇରାତ ଗୁଡିକ ସିଦ୍ଧାନ୍ତ ହେବ ନାହିଁ ସେଗୁଡିକ ନିମନ୍ତେ ପୁନର୍ବାର ଟେଣ୍ଡର ଦାଖଲ ପାଇଁ ପୂର୍ବୋକ୍ତ ଧାର୍ଯ୍ୟସ୍ଥାନ ଓ ସମୟରେ ତା.୧୮.୦୩.୨୦୨୫ ରିଖକୁ ଧାର୍ଯ୍ୟ କରାଯାଇଛି । ଏଥି ନିମନ୍ତେ ପୁନଃ ବିଜ୍ଞାପନ ଦିଆଯିବ ନାହିଁ । ତା.୧୮.୦୩.୨୦୨୫ ରିଖ ରିଖ ଦିନ ଯେଉଁ ସଇରାତ ଗୁଡିକ ସିଦ୍ଧାନ୍ତ ହେବ ନାହିଁ ସେଗୁଡିକ ନିମନ୍ତେ ପୁନଃ ଟେଣ୍ଡର ଦାଖଲ ପାଇଁ ପୂର୍ବୋକ୍ତ ଧାର୍ଯ୍ୟ ସ୍ଥାନ ଓ ସମୟରେ ତା.୨୮.୦୩.୨୦୨୫ ରିଖକୁ ଧାର୍ଯ୍ୟ କରାଯାଇଛି । ଏଥି ନିମନ୍ତେ ପୁନଃ ବିଜ୍ଞାପନ ଦିଆଯିବ ନାହିଁ ।

ଅ.ପୃ.ଦେ....../୨

Scanned with OKEN Scanner

ଇଚ୍ଛୁକ ବ୍ୟକ୍ତି ଦେବୋତ୍ତର କାର୍ଯ୍ୟାଳୟରୁ ଧାର୍ଯ୍ୟ ଟେଣ୍ଡର ଫର୍ମ ସଂଗ୍ରହ କରି ଏବଂ ଫର୍ମ ପୂରଣ କରି ଯେଉଁ ସଇରାତ ନିମନ୍ତେ ଟେଣ୍ଡର ଦେଇଛନ୍ତି ତାହା ସ୍ପଷ୍ଟ ଭାବେ ଲଫଫା ଉପରେ ଉଲ୍ଲେଖ କରି ଧାର୍ଯ୍ୟ ଅମାନତ ଅର୍ଥ ନିର୍ବାହୀ ଅଧିକାରୀ, ଦେବୋତ୍ତର ଢେଙ୍କାନାଳ (Executive Officer, Debottar, Dhenkanal)ଙ୍କ ନାମରେ ବ୍ୟାଙ୍କ ଡ୍ରାଫ୍ଟ ଆକାରରେ ସଂଲଗ୍ନ କରି ଆଧାର କାର୍ଡ ନକଲ/ବ୍ୟାଙ୍କ ପାସ ବୁକରେ ଫଟୋ ଥାଇ ପ୍ରଥମ ପୃଷ୍ଠାର ନକଲ ସଂଯୁକ୍ତ କରି ପ୍ରତ୍ୟେକ ଦୋକାନ ଓ ସ୍ଥାନ ପାଇଁ ପୃଥକ ପୃଥକ ଟେଣ୍ଡର ନିର୍ଦ୍ଧାରିତ ତାରିଖ ଓ ସମୟ ମଧ୍ୟରେ ଦେବୋତ୍ତର କାର୍ଯ୍ୟାଳୟ, ଢେଙ୍କାନାଳ ଠାରେ ଥିବା ଟେଣ୍ଡର ବାକ୍ସରେ ଦାଖଲ କରିବେ । ଦାଖଲ ଦେଇଥିବା ସମସ୍ତ ଟେଣ୍ଡର ସେହି ଦିନ ତା.୧୧.୦୩.୨୦୨୫ ରିଖ ଦିବା୧୨ ଘଣ୍ଟା ସମୟରେ ଖୋଲାଯିବ । ଟେଣ୍ଡର ଦାଖଲକାରୀ ଟେଣ୍ଡର ଖୋଲାଯିବା ସମୟରେ ଉପସ୍ଥିତ ରହିବେ । ଉପରୋକ୍ତ ଟେଣ୍ଡର ସଂପର୍କୀୟ ସବିଶେଷ ବିବରଣୀ ଓ ଟେଣ୍ଡର ସର୍ତ୍ତାବଳୀ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରୁ ଯେ କୌଣସି କାର୍ଯ୍ୟ ଦିବସର କାର୍ଯ୍ୟାଳୟ ସମୟ ମଧ୍ୟରେ ଉପଲବ୍ଧ ହେବ । ଟେଣ୍ଡର ସର୍ତ୍ତାବଳୀରେ ଟେଣ୍ଡର ଦାଖଲକାରୀ ସହମତ ବୋଲି ସ୍ୱାକ୍ଷରକରି ଟେଣ୍ଡର କାଗଜସହ ଜଉମୁଦ ଦେଇ ଟେଣ୍ଡର ବାକ୍ସରେ ଦାଖଲ ଦେବେ । କୌଣସି କାରଣ ନଦର୍ଶାଇ ଯେ କୌଣସି କିମ୍ବା ସମସ୍ତ ଟେଣ୍ଡର କାଗଜ ଖାରଜ/ନାକଚ କରିବାର କ୍ଷମତା ନିମ୍ନ ସ୍ୱାକ୍ଷରକାରୀଙ୍କର ରହିଛି । ସର୍ତ୍ତମୂଳକ ଟେଣ୍ଡର ଗ୍ରହଣୀୟ ହେବ ନାହିଁ ।

୨୮-୦୨-୨୦୨୫
ଉପ-ଜିଲ୍ଲାପାଳ-ତଥା-ନିର୍ବାହୀ ଅଧିକାରୀ,
ଦେବୋତ୍ତର, ଢେଙ୍କାନାଳ

ପରିପତ୍ର ସଂଖ୍ୟା ୪୧୭ /ତାରିଖ ୨୮-୦୨-୨୦୨୫

ଏହାର ନକଲ ସରପଞ୍ଚ, ଦେଓଗାଁ/ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଗଁଦିଆ/ ତହସିଲଦାର, ଗଁଦିଆ/ସଦର/ଜିମାଦାର, କପିଳାସ/ ଶ୍ରୀ ଶ୍ରୀ ବଳଦେବ ଜୀଉ ବିଜେ ଢେଙ୍କାନାଳ ଟାଉନଙ୍କ ଅବଗତି ନିମନ୍ତେ ପଠାଯାଇ ଅନୁରୋଧ କରଗଲା କି ସେମାନେ ନୋଟିସ ବୋର୍ଡରେ ସର୍ବସାଧାରଣଙ୍କ ଅବଗତି ଓ ବହୁଳ ପ୍ରଚାର ପାଇଁ ଲଗାଇବା ବ୍ୟବସ୍ଥା କରିବେ ।

୨୮-୦୨-୨୦୨୫
ଉପ-ଜିଲ୍ଲାପାଳ-ତଥା-ନିର୍ବାହୀ ଅଧିକାରୀ,
ଦେବୋତ୍ତର, ଢେଙ୍କାନାଳ

ପରିପତ୍ର ସଂଖ୍ୟା ୪୧୮ /ତାରିଖ ୨୮-୦୨-୨୦୨୫

ଏହାର ପ୍ରତିଲିପି ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ର ଅଧିକାରୀଙ୍କ ଅବଗତି ନିମନ୍ତେ ପ୍ରରଣ କରାଯାଇ ଅନୁରୋଧ କରାଗଲାକି ସେ ଏହି ବିଜ୍ଞାପନଟିକୁ ୱେବ ସାଇଡରେ ଛାଡି ସର୍ବସାଧାରଣଙ୍କ ଅବଗତି ଓ ବହୁଳ ପ୍ରଚାର ବ୍ୟବସ୍ଥା କରାଇବେ।

୨୮-୦୨-୨୦୨୫
ଉପ-ଜିଲ୍ଲାପାଳ-ତଥା-ନିର୍ବାହୀ ଅଧିକାରୀ,
ଦେବୋତ୍ତର, ଢେଙ୍କାନାଳ

ପରିପତ୍ର ସଂଖ୍ୟା ୪୧୯ /ତାରିଖ ୨୮-୦୨-୨୦୨୫

ଏହାର ନକଲ ସଂପାଦକ ଦୈନିକ ସମ୍ବାଦପତ୍ର " ସମ୍ବାଦ " ଓ " ପ୍ରମେୟ "ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଯାଇ ଅନୁରୋଧ କରାଗଲାକି ସେ ଉକ୍ତ ବିଜ୍ଞାପନଟିକୁ ଗୋଟିଏ ଦିନ ଓଡିଶା ସଂସ୍କରଣରେ ସର୍ବନିମ୍ନ Sq. Cm. ରେ ସ୍ଥାନିତ କରି ପ୍ରକାଶନ କରିବେ । ପ୍ରକାଶନ ବ୍ୟୟ I &PR ଦରରେ ସିମୀତ ରହିବ । ମାତ୍ର ୧୨୦,୦୦୦/- [illegible] ଟଙ୍କା ମଧ୍ୟରେ ରହିବ ।

୨୮-୦୨-୨୦୨୫
ଉପ-ଜିଲ୍ଲାପାଳ-ତଥା-ନିର୍ବାହୀ ଅଧିକାରୀ,
ଦେବୋତ୍ତର, ଢେଙ୍କାନାଳ

Scanned with OKEN Scanner